# ନାଗଭୂଷଣ

କବି ରଘୁନାଥ ଦାସ

ଟେବୁଲ ଉପରେ ବିଡାବନ୍ଧା ପାଞ୍ଚଶହ ଟଙ୍କା ଭେଟି;

ଦାରୋଗା ପଢୁଛି ଚିଠି:

ପଠାଇବା ପ୍ରାନ୍ତଲୁଗାରୁ ଚିନାରା ରେଡି-

କାଲି ରାତି ଅଧରେ ପାଖ ଗାଁରେ

ଚାଲିଥିଲା ତାଙ୍କ ଗୁପ୍ତ ବୈଠକି ।

ଧାର୍ଯ୍ୟହେଲା; ନିପାତ କରିବେ ଗୋତି

ଓ ଗୋତିଦାରଙ୍କୁ,

ମହାଜନି ଓ ମହାଜନଙ୍କୁ,

ମୁନାଫା ଓ ମୁନାଫାଖୋରଙ୍କୁ ।

ବାବୁ ବଞ୍ଚାଅ ଏମାନଙ୍କ ଆତଙ୍କୁ ।

ସେମାନେ ବାନ୍ଧିଛନ୍ତି ମେଣ୍ଟ;

କାହାକୁ ମୁଁ ବିଶ୍ବାସ କରିପାରୁ ନାହିଁ,

କୋଠିଆ ଚାକର, ଭଣଜା ପର୍ଯ୍ୟନ୍ତ ।

ଦାରୋଗା ଲେଖିଛି ରିପୋର୍ଟ

ନାଗଭୂଷଣ ମସ୍ତବଡ ଡାକୁ;

ଲୋଡା ପାଞ୍ଚଶହ ରାଇଫଲ୍

www.jatayu.org

# ନାଗଭୂଷଣ

କବି ରଘୁନାଥ ଦାସ

ସେମାନଙ୍କୁ କାବୁ କରିବାକୁ ।

ଡ଼ାକୁ ନାଗଭୂଷଣ ଫଟୋ
ଥାନାର କାନ୍ଥରେ ଝୁଲେ;
ପାଞ୍ଚସହ ରାଇଫଲ ମୁନ
ଘେରାଉ କରେ ଆଦିବାସୀ ପଲ୍ଲୀ;
ପାହଡୁ ପାହାଡେ ଘୁରିବୁଲେ ।

ଆସାମୀ ଗ୍ରେପ୍ତାର ହୁଏ
ବିଚାର ଚାଲେ ମାସ ମାସ
ରାୟ ହୁଏ ଫାଶି
ଦୋଷ ତା'ର ଗୁରୁତର
ସେ ଚାହିଁଥିଲା ଶୋଷଣର ଶେଷ;
ଏ ଜଗତେ ରହିବେନି କେହି ଉପବାସ ।

ଉକ୍ଲା ପରଜା ଜମି ମାଣେ ଦୁଇପାଆ
ମାଣକେ କରେ ଲଙ୍କା ବିରି,

www.jatayu.org

# ନାଗଭୂଷଣ

କବି ରଘୁନାଥ ଦାସ

ବାକିତକ କରେ ମାଣ୍ଡିଆ;

ହସି ସେ ଦେଲା ଶୁଣି ସେ ରାୟ,

ହସିଦେଲା ସେ ବେପର ବାଏ ।

କହିଲା: ସରକାରଟା ବୋକା,

କାରଣ,

ସେ ନାଗଭୂଷଣ

କଦାପି ନୁହେଁ;ନାଗଭୂଷଣ ପକ୍କା ।

ଅସଲି ଯିଏ ଅସଲି ପକ୍କା

ହଳଦିମଖା ନାଗର ବଚ୍ଛା,

ତାକୁ ଧରି କେଳାର ପୁଅ ଜନମି ନାହିଁ ନାହିଁ-

ସିଏ ରହିଛି ବିଲମାଳରେ ପାହଡ ବନ ଛାଇ

ସିଏ ରହିଛି ପାଣି ପବନେ ବିଜୁଳି ପରି ଗତି,

ଶୋଷଣ   ଶିରେ ମରଣେ ଚୋଟ

ମାରିବ ସେ ତ, ଯିବନି କେବେ ହଟି ।

www.jatayu.org

# ନାଗଭୂଷଣ

କବି ରଘୁନାଥ ଦାସ

ସେ ରହିଛି ଚାଳିଆ ଘରେ ଅଳିଆ ତଳେ ତଳେ
କାଳିଆ ଦେହ ମସିଆ ଲୁଗା ଜନତା ମେଳେ ମେଳେ;
ନାଗଭୂଷଣ ନୁହେଁରେ କେହି-ଆମରି ମୂକ ଭାଷା
ତା'ଠାରେ ଫୁଟେ ଦଳିତ ପ୍ରାଣ ଦଳିତ ଜନ ଆଶା ।
ନାଗର ବଢା ଲହୁରେ  ଆମ ନାଚେ
ଗହୀର ବିଲୁ ଚେରରୁ ଟାଣି ଅବୀଜ ଯେତେ ବାଛେ ।

ବାଲୁଙ୍ଗା ବଛା ଚାଲିବ ଏଥି ସାଗର ଢ଼େଉ ଭଳି
ବାନ୍ଧୁଥା ଯେତେ ଆଇନ୍ ବାଡ , ଆଣୁଥା ମିଳିଟାରି
ବାଲୁଙ୍ଗାବଛା ଚାଲିବ ଏଥି ସାଗର ଢ଼େଉ ଭଳି ।
ମକ୍‌ରାମ୍ ।ରାତିରେ ଟେବୁଲ୍ ଭାଙ୍ଗେ,
ଦିନରେ ବିକେ ରୁଟି;
ରାସ୍ତା ପରେ ଅକସ୍ମାତେ ମୋତେ ସିଏ ଭେଟେ
ପଚାରିଲା, 'କମ୍ରେଡ ନାଗକୁ ହୁକୁମ ହେଲା ଫାଶି?'

ଉତ୍ତର ତା'ର ଲୋଡା ନଥିଲା;
କ୍ଷୁବ୍‌ଧ ଛାତି ପଡୁଥିଲା ଫାଟି ।

www.jataayu.org

# ନାଗଭୂଷଣ

କବି ରଘୁନାଥ ଦାସ

ସେ କହିଲା ଇଚ୍ଛାହୁଏ ବାବୁ,

ଭାଙ୍ଗି ଜେଲ୍ ଭାଙ୍ଗି ସେଲେ

ୱାର୍ଡର ମୁହେଁ ବସାଇ ଶକ୍ତ ମୁଥି

ଛିନ୍‌ଲିଅନ୍ତି ହାମ୍‌ର ନେତା, ହାମ୍‌ର ସାଥୀ ।

**ଲଛିଆମ୍ମା କାନ୍ଥରେ ପିଟିଦେଲା ମଥା**

**ନାଗୁ ମୋର ଫାଶିହେବ; ନିଅର୍ଥ ଆଉ ବଂଚିବାଟା;**

**ନାଗୁ ମୋର ନୁହେଁ ଖୁନି, କରିନି ମର୍ଡର**

**ଏତେ ଖାଲି ଅବିଚାର ସୈତାନି ଅର୍ଡ଼ର**

**ନାଗୁ ମୋର ଭଲ ପାଏ ମଣିଷ ସଭିଙ୍କି,**

**ଅନାହାରେ  ଉପାସିଆ ଯେତେ ଦୁଃଖୀରଙ୍କି,**

**ଭଲପାଏ ହାଡମାଳ ମେଳଛ ମଢ଼ିଆ**

**ଆଦିବାସୀ ପିଲା□**

**ଭଲପାଏ ମଜଦୁର, ମୋ ପରି କୁଳଟା**

**ଅପରାଧ** ତା'ର **ଏକା ଭଲପାଇବାଟା□**

**ନା , ନା କଳାକାହ୍ନୁକୁ ମୋ ମାରିବ କିଏ ସେ**?

**ଲଛିଆମ୍ମା ଆମ୍ବା ରଟେ ଅତୁଟ ବିଶ୍ବାସ□**

www.jataayu.org

# ନାଗଭୂଷଣ

କବି ରଘୁନାଥ ଦାସ

ନାଗଭୂଷଣ ବ୍ୟକ୍ତି ନୁହେଁରେ, ସେ ଏକ ଆମ ଶକ୍ତି;

ପ୍ରକୃତିର ଏକ ଋଦ୍ଧିମନ୍ତ ସ୍ରୋତସ୍ୱତୀ ନଈ;

ହେ ଦାରୋଗା ହେ ହାକିମ , ହେ ଶାସକ,

ବୃଥା ତୁମ ଆସ୍ଫାଳନ, ବୃଥା ପ୍ରତିବନ୍ଧକ,

ତୁମେ ବିକୃତିର ଗୋଟିଏ ଗୋଟିଏ ତାଳପତ୍ର ସିପାହୀ

ତୁମେ ତାକୁ ନିଃଶେଷ କରିପାର ନାହିଁ,

ସେ ସାଗର ପରି ପରିବ୍ୟାପ୍ତ,

ସୃଷ୍ଟିପରି ଓଜସ୍ୱିନୀ।

ସେ କିନ୍ତୁ ତୁମକୁ ଖତମ କରିବ,ଖତମ

ଖତମ କରିବ ତୁମର ଗୋଡି ପ୍ରଥା,

ମହାଜନୀ, ମୁନାଫାଖୋରି ଓ ହୃଦୟହୀନତା।

ଖତମ କରିବ ସେ ତ ସବୁରି ପ୍ରତିକ

ଗୁରୁମୂର୍ତ୍ତି , ରାୟଗୁରୁ, ଆପେୟା

ଓ ଗୁଲାମ୍ ଅଲ୍ଲିକ୍-

ଖତମ କରିବ ସେମାନଙ୍କ ପୋଷା ଦଲାଲ୍-

# *ନାଗଭୂଷଣ*

*କବି ରଘୁନାଥ ଦାସ*

ଗ୍ରାମ ପୋଲିସ, ଥାନାଦାର ଦାରୋଗା,

ମିଲିଟାରି ଓ ଜଜ୍‌ସାହେବମାନଙ୍କୁ□

ଇତିହାସ ଗତିଧାରାର ଏହା ଅନିବାର୍ଯ୍ୟ ପରିଣାମ□

ହିସାବ ନିକାଶର ଏହା ଶେଷଫର୍ଦ୍ଦ

ଜଟିଳ ଅଙ୍କର ଏହା ସରଳ ଉତ୍ତର;

ଜ୍ୟାମିତିକ ପ୍ରତିପ୍ରାଦ୍ୟରେ ଏ ଯ. ପ୍ର ଆ□

www.jataayu.org